ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

**Deepanjali Dugal,**
**Jr. Agrometeorologist**

ସପ୍ତାହ ସଂଖ୍ୟା -୨୫

ବୁଲେଟିନ ନମ୍ବର :୪୯
ତାରିଖ : ୨୦.୦୬.୨୦୨୫
(ଶୁକ୍ରବାର)

## ଢେଙ୍କାନାଳ ଜିଲ୍ଲା (ମଧ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୪.୦୬.୨୦୨୫ ରୁ ୨୦.୦୬.୨୦୨୫)

| | |
|---|---|
| ବୃଷ୍ଟିପାତ (ମି.ମି.) | ୭୨.୧ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୬.୪-୩୭.୬ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୫.୩-୨୭.୦ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୨୫.୦୬.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 21-06-2025 | 6 | 31 | 24 | 5 | 88 | 66 | 7 | 267 |
| 22-06-2025 | 4 | 31 | 25 | 4 | 83 | 63 | 6 | 285 |
| 23-06-2025 | 9 | 32 | 25 | 5 | 84 | 50 | 8 | 280 |
| 24-06-2025 | 6 | 33 | 26 | 4 | 83 | 58 | 8 | 268 |
| 25-06-2025 | 8 | 33 | 26 | 4 | 86 | 58 | 7 | 276 |

**ଆଗାମୀ ୫ ଦିନର ପାଣିପାଗ ସୂଚନା:**

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ଆଂଶିକ ରୁ ସାଧାରଣତଃ ମେଘୁଆ ରହିବ । ଆଗାମୀ ୫ଦିନ ପବନ ୦୬-୦୮ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୧-୩୩ ଡି.ସେ. ମଧ୍ୟରେ ଓ ସର୍ବନିମ୍ନ ତାପମାତ୍ରା ୨୪-୨୬ ଡି.ସେ. ମଧ୍ୟରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୮୩ ରୁ ୮୮ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୫୦-୬୬ ପ୍ରତିଶତ ମଧ୍ୟରେ ରହିବ ।

**ହଳଦିଆ ଚେତାବନୀ :** ଆସନ୍ତା ୨୧ତାରିଖ ଢେଙ୍କାନାଳ ଜିଲ୍ଲା ଗୋଟିଏ ରୁ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ୩୦-୪୦କିମି ଝଟକା ପବନ ହେବାର ସମ୍ଭାବନା ରହିଛି ।

**ଆଗାମୀ ସପ୍ତାହ ପାଇଁ ବିସ୍ତୃତ ପାଣିପାଗ ସୂଚନା:**

ପ୍ରଥମ ସପ୍ତାହ: (୨୦ଜୁନ ରୁ ୨୬ଜୁନ ୨୦୨୫)
ଓଡିଶାରେ ସ୍ୱଳ୍ପ ରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ଅଛି ।
ଦ୍ୱିତୀୟ ସପ୍ତାହ: (୨୭ଜୁନ ରୁ ୦୩ଜୁଲାଇ ୨୦୨୫)
ଓଡିଶାରେ ସ୍ୱଳ୍ପ ରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ଅଛି ।

## କୃଷି ସୂଚନ

### ସାଧାରଣ ଉପଦେଶ

- ବର୍ତମାନ ବାୟୁ ମଣ୍ଡଳ ଅଧିକ ଆର୍ଦ୍ରତା ଓ ମେଘୁଆ ରହୁ ଥିବାରୁ ପନିପରିବା ଫସଲରେ ବିଭିନ୍ନ ରୋଗ ପୋକ ଲାଗିବାର ସମ୍ଭାବନା ଅଛି । ଫସଲ ସର୍ବେକ୍ଷଣ କରି ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ।
- ଆଗକୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଥିବାରୁ ଖରିଫ ବୁଣାବୁଣି, ଫସଲରେ ସାର ଓ କୀଟନାଶକ ପ୍ରୟୋଗ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ ।
- ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡିଶାରେ ପ୍ରବେଶ କରି ସାରିଛି, ଚାଷୀ ଭାଇ ମାନେ ମାଟିର ଆର୍ଦ୍ରତାକୁ ବିନିଯୋଗ କରି ଖରିଫ ଫସଲ ପାଇଁ ଜମି ପ୍ରସ୍ତୁତି ଯଥା ଶୀଘ୍ର ଶେଷ କରି ଦିଅନ୍ତୁ ।
- ବର୍ତମାନ ଖରିଫ ଫସଲ ଯଥା- ଧାନ, ମକା, ମଣ୍ଡିଆ, ହରଡ, ରାଶି ଆଦି ବୁଣାବୁଣି ପାଇଁ ପ୍ରାମାଣିକ ମଞ୍ଜି ସଂଗ୍ରହ କରନ୍ତୁ ।
- ବର୍ଷା ଦିନିଆ ପନିପରିବା ଯଥା-ଭେଣ୍ଡି, ବାଇଗଣ, ଲଙ୍କା ପାଇଁ ଜମି ପ୍ରସ୍ତୁତି ସହିତ ପ୍ରାମାଣିକ ମଞ୍ଜି ସଂଗ୍ରହ କରନ୍ତୁ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| ଖରିଫ ଧାନ | ବୁଣିବା ଅବସ୍ଥା | • ଚାଷୀ ଭାଇ ମାନେ ଜଳ ସେଚନ ଓ ଜଳ ନିଷ୍କାସନ ସୁବିଧା ଥିବା ଅଞ୍ଚଳରେ କାଦୁଆ ତଳିଘରା ପାଇଁ ଚୟନ କରନ୍ତୁ । ଗ୍ରାମାଞ୍ଚଳରେ ସାମୁହିକ ତଳିଘରା କରିବା ଉଚିତ ।<br>• ଶେଷ ଓଡ ଚାଷ ବେଳକୁ ୧୦ ଡେସିମାଲ କାଦୁଅ ତଳିଘୋରାରେ ୨୦୦ କିଲୋଗ୍ରାମ କମ୍ପୋଷ୍ଟ କିମ୍ବା ସଢା ଗୋବର ଖତ, ୪ କିଲୋଗ୍ରାମ DAP, ୪ କିଲୋଗ୍ରାମ ପଟାସ ସାର ପ୍ରୟୋଗ କରନ୍ତୁ । |
| ମକା | ବୁଣିବା ଅବସ୍ଥା | • ମକା ଫସଲ, ଜମିରେ ଠିଆ ପାଣି ସହ୍ୟ କରିପାରେ ନାହିଁ । ବର୍ଷା ଦିନିଆ ମକା ଚାଷରେ ଠିଆ ପାଣି ନରହିବା ପାଇଁ ଜମି ପ୍ରସ୍ତୁତ ସମୟରେ ଆବଶ୍ୟକତା ଅନୁଯାୟୀ ନିଷ୍କାସନ ନାଳୀ ରଖିବା ଆବଶ୍ୟକ । |
| ମୁଗ ଓ ବିରି | ବୁଣିବା ଅବସ୍ଥା | • ବର୍ଷା ଦିନିଆ ମୁଗ ଓ ବିରି ଚାଷ ପାଇଁ ମାଟିର ବତର ଦେଖି ଜୁନ-ଜୁଲାଇ ମାସରେ ମଞ୍ଜିବୁଣନ୍ତୁ ।<br>• ବର୍ଷା ଦିନ ପାଇଁ ମୁଗ ଫସଲର କିଛି ଉନ୍ନତ କିସମଗୁଡିକ ହେଲା ସୁଜାତା, ଦୁର୍ଗା, ସମ୍ରାଟ, HUM-1, କାମଦେବ ଇତ୍ୟାଦି ।<br>• ସେହିପରି ବିରିର  କିଛି ଉନ୍ନତ କିସମ ଗୁଡିକ ହେଲା ଶଶୀ, ଉଜାଲା, ମହୁରି, ଉତ୍ତରା, ପ୍ରସାଦ, ସାରଳା ଇତ୍ୟାଦି।<br>• ଏକର ପ୍ରତି ୧୦ କିଲୋଗ୍ରାମ ବିହନ ଆବଶ୍ୟକ ହୋଇଥାଏ। ୧ କିଲୋଗ୍ରାମ ବିହନକୁ ୧.୫ ଗ୍ରାମ Carbendazim ସହ ଗୋଳାଇ ବୁଣିବାର ୧ ସପ୍ତାହ ପୂର୍ବରୁ ବିଶୋଧନ କରନ୍ତୁ । |
| ଚିନାବାଦାମ | ବୁଣିବା ଅବସ୍ଥା | • ଚିନାବାଦାମର ଉପଯୁକ୍ତ କିସମ ଯଥା ଦେବୀ ( ଆଇ.ସି.ଜି.ଭି-୯୧୧୧୪), କାଦ୍ରି-୬ (Kadri-6), କାଦ୍ରି-୯ (Kadri-9), ଟି.ଜି-୩୭ଏ (TG-37A), ଟିଏଜି-୫୧ (TAG-51), ଟିଏଜି-୩୮ ( TAG-38), ଟିଏଜି-୨୪ (TAG-24), ସ୍ମୃତି, ସିଓ-୭  (CO-7), ଧରଣୀ (Dharani) ଆଦି ଚୟନ କରନ୍ତୁ ।<br>• ବିହନ ବୁଣିବାର ଏକ ଘଣ୍ଟା ପୂର୍ବରୁ କିଲୋଗ୍ରାମ ମଞ୍ଜି ପ୍ରତି ୨୦ଗ୍ରାମ ରାଇଜୋବିୟମ ବୀଜାଣୁ କଲଚର ଉପଚାର କରି ବୁଣନ୍ତୁ। |
| ମିଠା ମକା | ବୁଣିବା ଅବସ୍ଥା | • ବର୍ତମାନ ମିଠା ମକା ବୁଣିବା ପାଇଁ ଉପଯୁକ୍ତ ସମୟ । ମିଠା ମକାର କିଛି ଉନ୍ନତ କିସମ ଗୁଡିକ ହେଲା ମାଧୁରୀ, ପ୍ରିୟା ସୁଇଟ କର୍ନ ।<br>• ସେହିପରି କିଛି ଶଙ୍କର କିସମ ଗୁଡିକ ହେଲା Hy – brix 53 ( ADVSW-2) , Hi - brix 39 ( ADVSW-1 ) , Honey sweeter , Kobala , Nirmal -43 ଇତ୍ୟାଦି ।<br>• ମିଠା ମକା ଚାଷ ପାଇଁ ଏକର ପ୍ରତି ୩-୪ କେଜି ମଞ୍ଜି ଆବଶ୍ୟକ ହୋଇଥାଏ । |
| ବାଇଗଣ: | ବୁଣିବା ପୂର୍ବ ଅବସ୍ଥା | • ବାଇଗଣ ଫସଲ ରେ ମୂଳ ସାର ହିସାବରେ ଏକର ପ୍ରତି ୨୦ କିଲୋଗ୍ରାମ ୟୁରିଆ , ୫୨ କିଲୋଗ୍ରାମ ଡ଼ିଏପି ଏବଂ ୨୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ ।<br>• ଧାଡିକୁ ଧାଡି ୭୫ ସେମି ଏବଂ ଗଛକୁ ଗଛ ୬୦ ସେମି ବ୍ୟବଧାନ ରଖି ବାଇଗଣ ଚାରା ଲଗାନ୍ତୁ । |
| ଭେଣ୍ଡି: | ବୁଣିବା ପୂର୍ବ ଅବସ୍ଥା | • ବର୍ଷା ଦିନିଆ ଭେଣ୍ଡି ଚାଷ ପାଇଁ ଏକର ପ୍ରତି ୪ କିଲୋଗ୍ରାମ ଉନ୍ନତ ବିହନ କିସମ କିମ୍ବା ୧.୫ କିଲୋଗ୍ରାମ ଶଙ୍କର ବା ହାଇବ୍ରିଡ ବିହନ ଆବଶ୍ୟକ ହୁଏ ।<br>• ବିହନ ବୁଣିବା ପୂର୍ବ ରୁ ପ୍ରତି ୧ କିଲୋଗ୍ରାମ ବିହନରେ ୩-ଗ୍ରାମ Thiram ସହିତ ୭ ଗ୍ରାମ Imidacloprid ୭୦ % WS କୀଟନାଶକ, ମିଶାଇ ବିଶୋଧନ କଲେ ଫସଲରେ ରୋଗ ଓ ଶୋଷକ ପୋକର ପ୍ରାଦୁର୍ଭାବ କମିଯାଏ । |
| ଗାଇଗୋରୁ | • ବର୍ଷା ଓ ଘଡଘଡି ସମୟରେ ଗାଇଗୋରୁଙ୍କୁ ଗୁହାଳ ମଧରେ ସୁରକ୍ଷିତ ରଖନ୍ତୁ । ଶୁଖିଲା ଘାସ ଓ ସଫା ପାନୀୟ ଜଳ ପିଇବାକୁ ଦିଅନ୍ତୁ ।<br>• ଗୋଖାଦ୍ୟ କିପରି ବର୍ଷା ଜଳରେ ନଷ୍ଟ ନହେବା ସେଥି ପ୍ରତି ଦୃଷ୍ଟି ଦିଅନ୍ତୁ ।<br>• ବର୍ତମାନ ଗାଇଗୋରୁ ମାନଙ୍କୁ ଟୀକାକରଣ କରନ୍ତୁ । | |

ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ଵାରା ସ୍ଵୀକୃତ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ  MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)